ସମ୍ବାଦ MAHANAGAR
ମହାନଗର
୧୭
ରବିବାର, ୧୨ ଫେବ୍ରୁଆରି ୨୦୧୭, ଭୁବନେଶ୍ୱର

## ଭୁବନେଶ୍ୱର ଆଇଆଇଟି ପ୍ରତିଷ୍ଠା ଦିବସ ଆଜି

# ୨୦୧୮ ସୁଦ୍ଧା ପୂର୍ଣ୍ଣାଙ୍ଗ କ୍ୟାମ୍ପସ

ଭୁବନେଶ୍ୱର, ୧୧।୨(ଇମିସ): ଭୁବନେଶ୍ୱର ଆଇଆଇଟି ହେବ ବିଶ୍ୱସ୍ତରୀୟ। ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଆଇଆଇଟି ପରି ଭୁବନେଶ୍ୱର ଆଇଆଇଟିକୁ ମଧ୍ୟ ଶ୍ରେଷ୍ଠ ତାଲିକାରେ ସ୍ଥାନିତ କରିବା ଲକ୍ଷ୍ୟରେ କର୍ତ୍ତୃପକ୍ଷ ଭିଜନ-୨୦୨୨ ପ୍ରସ୍ତୁତ କରିଛନ୍ତି। ୫ ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ କରାଯିବ। ୨୦୧୮ ସୁଦ୍ଧା ସ୍ଥାୟୀ କ୍ୟାମ୍ପସ୍‌କୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ ବୋଲି ଏହାର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର କହିଛନ୍ତି।

ଆଇଆଇଟିରେ ପ୍ରତିଷ୍ଠା ହୋଇଥିବା 'ଷ୍ଟାର୍ଟଅପ୍ ସେଣ୍ଟର୍' ଲାଗି ୧୩ଟି କମ୍ପାନି ମନୋନୀତ ହୋଇଛନ୍ତି। ଏଥିରେ ବିଦେଶୀ ଉଦ୍ୟୋଗୀ ମଧ୍ୟ ଅଛନ୍ତି। ୨୦୧୬ ଜୁନ୍ ୨୧ରେ ଆରମ୍ଭ ହୋଇଥିବା ଏହି ସେଣ୍ଟର୍ ପ୍ରତିଷ୍ଠା ପାଇଁ ୫୪ଟି କମ୍ପାନି ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ଟିକୁ ମନୋନୀତ କରାଯାଇଛି। ଏହି ସେଣ୍ଟର୍ ଲାଗି କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ଜ୍ଞାନ ମନ୍ତ୍ରାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ୧.୫୦ କୋଟି ଟଙ୍କା ଦିଆଯାଇଛି।

ଭୁବନେଶ୍ୱର ଆଇଆଇଟି ମୁଖ୍ୟ କ୍ୟାମ୍ପସ୍‌କୁ ଯିବା ପରେ ଭିତ୍ତିଭୂମି ସୁଦୃଢ଼ ହୋଇଛି। ଏବେ ସୁଦ୍ଧା ପ୍ରାୟ ୭୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଯାହା କିଛି ବାକି ରହିଛି, ୨୦୧୮ ସୁଦ୍ଧା ଶେଷ ହେବ। ୨୦୧୭-୧୮ ଶିକ୍ଷା ବର୍ଷ ଲାଗି ଭୁବନେଶ୍ୱର ଆଇଆଇଟିରେ ବି.ଟେକ୍ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ୯୦ ସିଟ୍ ବଢ଼ିବ। ୨୦୧୫-୧୬ ଶିକ୍ଷାବର୍ଷ ପର୍ଯ୍ୟନ୍ତ ୧୮୦ ସିଟ୍ ରହିଥିବା ବେଳେ ୨୦୧୬-୧୭ରେ ୮୦ ସିଟ୍ ବୃଦ୍ଧି




ହୋଇଥିଲା। ଆସନ୍ତା ବର୍ଷରୁ ୩୫୦ ବି.ଟେକ୍ ସିଟ୍‌ରେ ନାମଲେଖା ହେବ। ଏଥିସହ ନୂତନ ପାଠ୍ୟକ୍ରମ ଖୋଲିବା ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଶକ୍ତି, ପରିବେଶ, ଜଳବାୟୁ ପରିବର୍ତ୍ତନ ପରି ବିଷୟରେ ପାଠ୍ୟକ୍ରମ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି।

ଏଣିକି ଆଇଆଇଟିରେ ବିଦେଶୀ ଅଧ୍ୟାପକ ନିଯୁକ୍ତି ହେବେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ନିଷ୍ପତ୍ତି ଅନୁଯାୟୀ ବାହାର ଦେଶର ଅଧ୍ୟାପକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରିବେ। ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ଲାଗି ଗତ ଜାନୁଆରିରେ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଅନେକ ଆଶାୟୀ ଆବେଦନ କରିଛନ୍ତି। ଆସନ୍ତା ଶିକ୍ଷାବର୍ଷରୁ ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସ ଏବଂ ସ୍କୁଲ ଅଫ୍ ମେକାନିକାଲ ସାଇନ୍ସକୁ ଅରୁଗୁଳସ୍ଥିତ କ୍ୟାମ୍ପସ୍‌କୁ ସ୍ଥାନାନ୍ତର କରାଯିବ ବୋଲି ପ୍ରଫେସର ରାଜାକୁମାର କହିଛନ୍ତି।

### ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱରର ଆଇଆଇଟିର ନବମ ପ୍ରତିଷ୍ଠା ଦିବସ ରବିବାର ଜଟଣୀସ୍ଥିତ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ଉତ୍ସବରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେବେ। କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟର ଅତିରିକ୍ତ ସଚିବ ଆର୍. ସୁବ୍ରମଣ୍ୟମ୍ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ଏଥିରେ ଅଧ୍ୟକ୍ଷତା କରିବେ। ଏହି ଅବସରରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କୁ ସମ୍ମାନିତ କରାଯିବ।